
# ପାଠ 4



## ଶିକ୍ଷାର ଏକ – କୈନ୍ଦ୍ରିକ ଲକ୍ଷ୍ୟ

***ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉପରେ ନିର୍ଭର ରଖ, କାରଣ ସେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତି***

## ବାଇବଲ କାହାଣୀ

***ସୃଷ୍ଟିକର୍ତ୍ତା ଈଶ୍ୱର ଯେ ଆମ୍ଭମାନଙ୍କ ସୁରକ୍ଷା କରନ୍ତି, ଏହି ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉପରେ ନିର୍ଭର ରଖ, କାରଣ ସେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତି

**ସୁସମ୍ବାଦ କାହାଣୀ ପୁସ୍ତିକା ଦ୍ୱିତୀୟ–ଖଣ୍ଡ ।** ପୃଷ୍ଠା 2-15 । *ଗୋଟିଏ ବୃହତ୍, ବୃହତ୍, ବୃହତ୍ ଝଡ ।*

ପୃଷ୍ଠା 2-7 ରେ ଥିବା କାହାଣୀଟି ପଢନ୍ତୁ ଓ ଏହି *ସୁସମ୍ବାଦ କାହାଣୀ ପୁସ୍ତିକା ଦ୍ୱିତୀୟ–ଖଣ୍ଡରେ* ଥିବା ଚିତ୍ର ପ୍ରତି ପିଲାଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ।

1, 2, 3 ପଢିବା ଆରମ୍ଭ କରନ୍ତୁ...

ପୃଷ୍ଠା 7 ର ଶେଷରେ କାହାଣୀ ବନ୍ଦ କରନ୍ତୁ ଏବଂ 'ନୋହ, ଜୀବଜନ୍ତୁମାନଙ୍କୁ ଡାକୁ ଅଛନ୍ତି' ନାଟକ ଆରମ୍ଭ କରନ୍ତୁ ।

**'ନୋହ, ଜୀବଜନ୍ତୁମାନଙ୍କୁ ଡାକୁ ଅଛନ୍ତି':** ପିଲାଙ୍କୁ ନେଇ ଚାରୋଟି ଦଳରେ ବିଭକ୍ତ କରନ୍ତୁ । ସେ ସବୁ ହେଉଛି: କୁକୁରମାନଙ୍କ ଦଳ, ବତକମାନଙ୍କ ଦଳ, ବାଘମାନଙ୍କ ଦଳ ଓ ମାଙ୍କଡମାନଙ୍କ ଦଳ ।

ଶିକ୍ଷକ: **କକୁରମାନେ କ'ଣ କରନ୍ତି, ମୋତେ ତାହା ଅଭିନୟ ମାଧ୍ୟମରେ ଦେଖାଅ ?** ପିଲାମାନେ ଅଭିନୟ କରି, କୁକୁରମାନେ ଯେମିତି ହଲନ୍ତି, ତାହା ପ୍ରଦର୍ଶନ କରନ୍ତୁ ।

ଶିକ୍ଷକ: **କୁକୁରମାନେ କେମିତି କୁହନ୍ତି ?** ପିଲାଏ କହିବେ: ଭୋ, ଭୋ... ।

ଶିକ୍ଷକ: **ବତକମାନେ କେମିତି ଚ଼ାଲନ୍ତି ?** ପିଲାଏ ଅଭିନୟ କରି ବତକପରି ଢଳି ଢଳି ଚ଼ାଲି ପ୍ରଦର୍ଶନ କରିବେ ।

ଶିକ୍ଷକ: **ବତକମାନେ କେମିତି କଥା କୁହନ୍ତି ?** ପିଲାଏ ଅଭିନୟ କରିବେ – କ୍ୱାକ୍, କ୍ୱାକ୍ ।


ଶିକ୍ଷକ: **ବାଘ କେମିତି ଚ଼ାଲେ ?** ପିଲାମାନେ ଅଭିନୟ କରି, ବାଘ ପରି ଚ଼ାଲି ଦେଖାଇବେ ।

ଶିକ୍ଷକ: **ବାଘମାନେ କେମିତି କୁହନ୍ତି ?** ପିଲାମାନେ ଅଭିନୟରେ ଦେଖାଇବେ: ଗୁର୍‌ର୍, ଗୁର୍‌ର୍ ଶବ୍ଦରେ ।

ଶିକ୍ଷକ: **ମାଙ୍କଡମାନେ କେମିତି ଚ଼ାଲନ୍ତି ?** ପିଲାମାନେ ଅଭିନୟକରି ମାଙ୍କଡ ପରି ଚ଼ାଲିବେ ।

ଶିକ୍ଷକ: **ମାଙ୍କଡମାନେ କେମିତି କଥା କୁହନ୍ତି ?** ପିଲାମାନେ କହିବେ: ଖୁଖୁଖୁ, ଖ୍‌ଖ୍‌ଖ୍, ଖାଖାଖା ।

# ପାଠ 4



ଖେଳର ନିୟମ ବୁଝାଇ ଦିଅନ୍ତୁ ।

ଯେତେବେଳେ ମୁଁ କହିବି, **'ନୋହ କହନ୍ତି, କୁକୁରମାନେ କ'ଣ କରନ୍ତି ?'** ପିଲାମାନେ ସମସ୍ତେ କୁକୁରମାନଙ୍କ ପରି ନିଜକୁ ହଲାଇବେ । ଯେତେବେଳେ ମୁଁ କହିବି, **'କୁକୁରମାନେ କ'ଣ କରନ୍ତି ?'** ସେତେବେଳେ କେବଳ କୁକୁର ଦଳର ପିଲାଏ କୁକୁରପରି ନିଜକୁ ହଲାଇବେ । ଯେବେ ମୁଁ କହିବି, **'ନୋହ କହନ୍ତି, କୁକୁରମାନେ କେମିତି କହନ୍ତି ?'** ସବୁ ପିଲାମାନେ କହିବେ 'ଭୋ, ଭୋ ।' ଯେବେ ମୁଁ କହିବି, **'କୁକୁରମାନେ କେମିତି କହନ୍ତି ?'** ତେବେ କେବଳ କୁକୁର ଦଳର ପିଲାଏ କହିବେ ଭୋ, ଭୋ ।'

ଯେବେ ମୁଁ କହିବି, **'ନୋହ କହନ୍ତି, ବତକମାନେ କ'ଣ କରନ୍ତି ?'** ତେବେ ସବୁ ପିଲାଏ ବତକ ଭଳି, ଢଳି, ଢଳି ଚାଲିବେ । ଯେବେ ମୁଁ କହିବି, **'ବତକମାନେ କ'ଣ କରନ୍ତି ?'** ତେବେ କେବଳ ବତକ ଦଳର ପିଲାମାନେ ବତକ ଭଳି ଢଳି, ଢଳି ଚାଲିବେ । ଯେବେ ମୁଁ କହିବି, **'ନୋହ କହନ୍ତି, ବତକମାନେ କେମିତି କଥା କହନ୍ତି ?'** ସବୁ ପିଲାଏ କହିବେ 'କ୍ୱାକ୍, କ୍ୱାକ୍ ।' ଯେବେ ମୁଁ କହିବି, **'ବତକମାନେ କେମିତି କଥା କହନ୍ତି ?'** ତେବେ କେବଳ ବତକ ଦଳର ପିଲାମାନେ କହିବେ, 'କ୍ୱାକ୍, କ୍ୱାକ୍ ।'

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉପରେ ନିର୍ଭର ରଖ, କାରଣ ସେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତି

ଯେବେ ମୁଁ କହିବି, **'ନୋହ କହନ୍ତି, ବାଘମାନେ କେମିତି ଚାଲନ୍ତି ?'** ତେବେ ସବୁ ପିଲାମାନେ ବାଘ ପରି ଚାଲି ଦେଖାଇବେ । ଯେବେ ମୁଁ କହିବି, **'ବାଘମାନେ କେମିତି ଚାଲନ୍ତି ?'** ତେବେ କେବଳ ବାଘଦଳର ପିଲାମାନେ ବାଘ ପରି ଚାଲି ଦେଖାଇବେ । ଯେବେ ମୁଁ କହିବି, **'ନୋହ କହନ୍ତି, ବାଘମାନେ କେମିତି କହନ୍ତି ?'** ତେବେ ସବୁ ପିଲାମାନେ ବାଘ ପରି ଗୁର୍‌ର୍, ଗୁର୍‌ର୍ ଶବ୍ଦ କରି ଦେଖାଇବେ । ଯେବେ ମୁଁ କହିବି, **'ବାଘମାନେ କେମିତି କହନ୍ତି ?'** ତେବେ ବାଘ ଦଳର ପିଲାମାନେ ବାଘ ପରି ଗୁର୍‌ର୍, ଗୁର୍‌ର୍ ଶବ୍ଦ କରି ଦେଖାଇବେ ।

ଯେବେ ମୁଁ କହିବି, **'ନୋହ କହନ୍ତି, ମାଙ୍କଡମାନେ କେମିତି ଚାଲନ୍ତି ?'** ତେବେ ସବୁ ପିଲାମାନେ ମାଙ୍କଡ ପରି ଚାଲି ଦେଖାଇବେ । ଯେବେ ମୁଁ କହିବି, **'ମାଙ୍କଡମାନେ କେମିତି ଚାଲନ୍ତି ?'** ତେବେ ମାଙ୍କଡ ଦଳ ପିଲାଏ ମାଙ୍କଡ ପରି ଚାଲି ଦେଖାଇବେ । ଯେବେ ମୁଁ କହିବି, **'ନୋହ କହନ୍ତି, ମାଙ୍କଡମାନେ କେମିତି କଥା କହନ୍ତି ?'** ତେବେ ସବୁ ପିଲାମାନେ କହିବେ **'ଖୁଖୁଖୁ, ଖିଖିଖି, ଖାଖାଖା ।'** ଯେବେ ମୁଁ କହିବି, **'ମାଙ୍କଡମାନେ କେମିତି କଥା କହନ୍ତି ?'** ତେବେ ମାଙ୍କଡ ଦଳର ପିଲାଏ କହିବେ **'ଖୁଖୁଖୁ, ଖିଖିଖି, ଖାଖାଖା ।'**

ଯଦି ଗୋଟିଏ ପିଲା ଭୁଲ୍ ଅଭିନୟ ବା ଭୁଲ୍ ଶବ୍ଦ ଉଚ୍ଚାରଣ କରେ, ସେଇ ପିଲା ସାମ୍ନାକୁ ଆସି ଆପଣଙ୍କୁ (ଶିକ୍ଷକ) ସାହାଯ୍ୟ କରିବ, ପରବର୍ତ୍ତି ରାଉଣ୍ଡରେ ଯେଉଁ ପିଲାମାନେ ଭୁଲ୍ କରିବେ ସେମାନେ ଜଗି ଦେଖିବାରେ ସାହାଯ୍ୟ କରିବେ । ଭୁଲ୍ କରିଥିବା ପିଲାମାନେ ପରବର୍ତ୍ତି ସୋପାନର ଦଳରୁ ବାହାରି ସାମ୍ନାକୁ ଆସି ଶିକ୍ଷକଙ୍କୁ ମଧ୍ୟ ସାହାଯ୍ୟ କରିବେ । ଶେଷ ପର୍ଯ୍ୟନ୍ତ ଠିକ୍ ରହିଥିବା ପିଲା ଖେଳରେ ବିଜେତା ଘୋଷିତ ହେବ ।

ଆଜ୍ଞା ସବୁକୁ ଓଲଟ ପାଲଟ କରି ମିଶାଇ ଦିଅନ୍ତୁ, ଯେମିତି ପିଲାମାନେ ସଜାଗ ରହି ଶୁଣିବାକୁ

ବାଧ୍ୟ ହେବେ । ଏଭଳି ଖେଳଟି ଚାଲୁରହିଥିବ ଯେ ପର୍ଯ୍ୟନ୍ତ ଜଣେ ପିଲା ତା'ର ଅଭିନୟ ତଥା ଶବ୍ଦ ସଠିକ୍ କରିନାହିଁ । ତା'ପରେ ଯେବେ ତା'ର ଅଭିନୟ ଓ ଶବ୍ଦ ଠିକ୍ ହୁଏ, ସେହି ଦଳ ବିଜେତା ଘୋଷିତ ହେବ ।  ସମସ୍ତେ ଯେପରି ଖେଳଟି ବୁଝିପାରନ୍ତି, ସେଥିପାଇଁ ଯତ୍ନଶୀଳ ହୁଅନ୍ତୁ ।

ଗୋଟିଏ ପିଲା ଯେବେ ରହିଗଲା, ସେହି ଦଳକୁ ବିଜେତା ଘୋଷଣା କରନ୍ତୁ । ତା'ପରେ ସମସ୍ତେ ବସନ୍ତୁ ।

**ନୋହଙ୍କୁ ମନେ ରଖିଛ ? ନୋହଙ୍କ କାହାଣୀରୁ ପିଲାମାନେ କ'ଣ ମନେରଖିଛ ? କାହାଣୀର କେତେ ଦୂର ଆମେ ଶେଷ କରିଅଛୁ ?**

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉପରେ ନିର୍ଭର ରଖ, କାରଣ ସେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତି

ପୃଷ୍ଠା 8-15 ଥିବା କାହାଣୀଟି ପଢ଼ି, ସୁସମ୍ବାଦ କାହାଣୀ ପୁସ୍ତିକା  ଖଣ୍ଡ-ଦୁଇ ରେ ଥିବା ଚିତ୍ର ସବୁ ଦର୍ଶାଇ ଦିଅନ୍ତୁ ।

1, 2, 3 ପଢ଼ିବା ଆରମ୍ଭ କରନ୍ତୁ...

## ପ୍ରଶ୍ନୋତ୍ତର ପ୍ରତିଯୋଗୀତା

କାହାଣୀରୁ ପିଲାମାନଙ୍କୁ ପ୍ରଶ୍ନ ପଗ୍ଚରନ୍ତୁ । ପିଲାମାନଙ୍କୁ ଦୁଇ ଦଳ କରନ୍ତୁ । ପ୍ରଥମ ଦଳକୁ କୌଣସି ଏକ ପ୍ରଶ୍ନ ପଗ୍ଚରନ୍ତୁ । ପ୍ରଥମ ଦଳର ସମସ୍ତେ ଗୋଟିଏ ଉତ୍ତର ବାଛନ୍ତୁ । ଯଦି ସେମାନେ ସଠିକ୍ ଉତ୍ତର ଦିଅନ୍ତି, ତେବେ ତା'ଙ୍କ ଦଳକୁ ଗୋଟିଏ ପଏଣ୍ଟ୍ 'ମାର୍କ' ଦିଅନ୍ତୁ । ଯଦି ପ୍ରଥମ ଦଳ ସଠିକ୍ ଉତ୍ତର ଦେଇ ନ ଥାଏ, ତେବେ ଦ୍ୱିତୀୟ ଦଳକୁ ସେହି ପ୍ରଶ୍ନ କରନ୍ତୁ । ଦ୍ୱିତୀୟ ଦଳର ପିଲାମାନେ ଗୋଟିଏ ଉତ୍ତର ବାଛିବେ ।  ଯଦି ସେମାନେ ସଠିକ୍ ଉତ୍ତର ଦେଇଥାଆନ୍ତି, ତେବେ ସେମାନଙ୍କୁ ଗୋଟିଏ ପଏଣ୍ଟ୍ 'ମାର୍କ' ଦେଇ ଦିଅନ୍ତୁ ।

କଳାପଟା ବା ଆଉ ଖଣ୍ଡେ କାଗଜରେ ସର୍ବମୋଟ ପଏଣ୍ଟ୍ ଲେଖି ରଖନ୍ତୁ ।

ଏହାପରେ ଦ୍ୱିତୀୟ ଦଳକୁ କାହାଣୀରୁ ଅନ୍ୟ ଏକ ପ୍ରଶ୍ନ ପଗ୍ଚରନ୍ତୁ । ଦ୍ୱିତୀୟ ଦଳର ପିଲାମାନେ ଗୋଟିଏ ଉତ୍ତର ବାଛିବେ । ଯଦି ସେମାନେ ଠିକ୍ ଉତ୍ତର ଦିଅନ୍ତି, ତେବେ ସେହି ଦଳକୁ ଗୋଟିଏ ପଏଣ୍ଟ୍ 'ମାର୍କ' ଦିଅନ୍ତୁ । ଯଦି ଦ୍ୱିତୀୟ ଦଳ ସଠିକ୍ ଉତ୍ତର ଦେଇ ନ ପାରନ୍ତି, ତେବେ ପ୍ରଥମ ଦଳକୁ ସେହି ପ୍ରଶ୍ନ ପଗ୍ଚରନ୍ତୁ । ପ୍ରଥମ ଦଳର ସବୁ ପିଲା ଗୋଟିଏ ଉତ୍ତର ବାଛିବେ । ଯଦି ତା'ଙ୍କ ଉତ୍ତର ଠିକ୍ ହୁଏ, ସେହି ଦଳକୁ ଗୋଟିଏ ପଏଣ୍ଟ୍ 'ମାର୍କ' ଦିଅନ୍ତୁ ।

ପରିବର୍ତ୍ତିତ ଭାବରେ କାହାଣୀ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଦଳକୁ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଗ୍ଚରି ଚାଲନ୍ତୁ ।

ଯଦି ଜଣେ ପିଲା ଭୁଲ୍ ଉତ୍ତର ଦିଏ, ଚେଷ୍ଟା କରିଥିବାରୁ ଉତ୍ସାହିତ କରନ୍ତୁ, କିନ୍ତୁ କୁହନ୍ତୁ, 'ମୁଁ ସେହି ଉତ୍ତର ଅପେକ୍ଷା କରି ନ ଥିଲି ।' ଯଦି ଜଣେ ସଠିକ୍ ଉତ୍ତର ଦେଇଥାଏ, କହନ୍ତୁ, 'ଭଲ କହିଛ, ଠିକ୍ ଉତ୍ତର ଦେଇଛ !'

ପରବର୍ତ୍ତୀ ପୃଷ୍ଠାରେ କେତୋଟି ପ୍ରଶ୍ନ ଦିଆଯାଇଛି, ଆପଣ ସେସବୁର ଉତ୍ତର ପଗ୍ଚରି ପାରନ୍ତି ।

**ନୋହ କାହା ପାଇଁ ଗାୟନ କରୁଥିଲେ ?**
ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ।

**ସୃଷ୍ଟିକର୍ତ୍ତା ଈଶ୍ୱର ନୋହଙ୍କୁ କାହିଁକି ଏକ ବଡ଼, ବଡ଼, ବଡ଼ ଜାହାଜ ନିର୍ମାଣ କରିବାକୁ ଆଦେଶ ଦେଲେ ?**
ଏହାର କାରଣ, ଏକ ବଡ଼ ଧରଣର ଭୟଙ୍କର ଝଡ଼ ଆସିବାର ଥିଲା, ସେଥିପାଇଁ ନୋହ, ତା'ଙ୍କ ପରିବାର ତଥା ସମସ୍ତ ଜୀବଜନ୍ତୁମାନଙ୍କ ସୁରକ୍ଷାର୍ଥେ ସୃଷ୍ଟିକର୍ତ୍ତା ଈଶ୍ୱର ଏପରି କହିଥିଲେ ।

# ପାଠ 4

ସୃଷ୍ଟିକର୍ତ୍ତା ଇଶ୍ୱରଙ୍କ ଉପରେ ନିର୍ଭର ରଖ, କାରଣ ସେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତି

**ସୃଷ୍ଟିକର୍ତ୍ତା ଇଶ୍ୱର ନୋହଙ୍କୁ ପ୍ରେମ କରୁଥିଲେ ବୋଲି କିପରି ଦର୍ଶାଇଥିଲେ?**
ଇଶ୍ୱର, ନୋହ ଓ ତା'ଙ୍କ ପରିବାର ତଥା ସମସ୍ତ ଜୀବଜନ୍ତୁମାନଙ୍କୁ ସୁରକ୍ଷିତ କରି ନିଜ ପ୍ରେମର ପରିପ୍ରକାଶ କରିଥିଲେ।


**ନୋହଙ୍କ କାହାଣୀ କେଉଁ ସମୟର ଘଟଣା?**
ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କ ସମୟର ଅଟେ।

ନୋହଙ୍କ କାହାଣୀରୁ ଆମେ କ'ଣ ଶିକ୍ଷା ପାଉଛୁ?
ସ୍ରଷ୍ଟା ଇଶ୍ୱର, ଯାହାସବୁ ଘଟିବାକୁ ଯାଉଛି, ସେସମସ୍ତ ଜାଣନ୍ତି। ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି। ସେ ନୋହଙ୍କୁ ଯାହା ଆଦେଶ ଦେଇଥିଲେ, ସେ ସମସ୍ତ ନୋହ ପାଳନ କଲେ ଓ ସୁରକ୍ଷିତ ରହିଲେ। ସୃଷ୍ଟିକର୍ତ୍ତା ଇଶ୍ୱର ଆମ୍ଭମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତି। ସେ ଯାହା ସାଧନ କରିବେ ବୋଲି ପ୍ରତିଜ୍ଞା କରନ୍ତି, ସେ ତାହା ସମ୍ପନ୍ନ କରିଥାଆନ୍ତି।

## ଅଭିନୟ ସଙ୍ଗୀତ

***ସୃଷ୍ଟିକର୍ତ୍ତା ଇଶ୍ୱର ଯେ ଆମ୍ଭମାନଙ୍କ ସୁରକ୍ଷା କରନ୍ତି, ଏହି ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ***

ଆହେ ତୁମ୍ଭେ କି ପଶୁମାନଙ୍କୁ ଦେଖିପାରୁଛ...ପଶୁମାନଙ୍କୁ....ପଶୁମାନଙ୍କୁ
ତୁମ୍ଭେ କି ପଶୁମାନଙ୍କୁ ଜାହାଜରୁ ବାହାରି ଆସିବା ଦେଖି ପାରୁଛ
ଇଶ୍ୱର ରକ୍ଷା କଲେ ସମସ୍ତ ପଶୁମାନଙ୍କୁ...ପଶୁମାନଙ୍କୁ...ପଶୁମାନଙ୍କୁ
ଇଶ୍ୱର ରକ୍ଷା କଲେ ସମସ୍ତ ପଶୁମାନଙ୍କୁ, ସେମାନଙ୍କୁ ରକ୍ଷା କଲା ଜଳପ୍ଲାବନ



## ଦ୍ରଷ୍ଟବ୍ୟ-ବସ୍ତୁ ମାଧ୍ୟମରେ ପାଠ

***ସୁରକ୍ଷାକର୍ତ୍ତା ସ୍ରଷ୍ଟା-ଇଶ୍ୱରଙ୍କ ଉପରେ ନିର୍ଭର କରିବାକୁ ଶିକ୍ଷା ଦେଉଥିବା, ଦ୍ରଷ୍ଟବ୍ୟ-ବସ୍ତୁ ପ୍ରୟୋଗ କରନ୍ତୁ।***

ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଦୁଇଟି ପିଲାଙ୍କୁ ଚୟନ କରନ୍ତୁ। ଜଣେ ପିଲାର ଚକ୍ଷୁରେ ଅନ୍ଧପୁଟୁଳି ବାନ୍ଧି ଦିଅନ୍ତୁ। ଅନ୍ୟ ପିଲାକୁ କହନ୍ତୁ, ସେ, ଚକ୍ଷୁ ବନ୍ଦ କରାଯାଇଥିବା ପିଲାକୁ କୋଠରୀ ବା ଗ୍ରାମ ସାରା ହାତ ଧରି ଚଲାଇ ଚଲାଇ ନେଇଆସୁ।

ଦୁଇଜଣଙ୍କ ବୁଲା ସରିଲେ, ଅନ୍ଧରୂପେ ଅଭିନୟ କରିଥିବା ପିଲାକୁ ଆପଣଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ଏବଂ ଅବଶିଷ୍ଟ ସମସ୍ତେ ସେଥିପ୍ରତି ଧ୍ୟାନ ଦେବାକୁ କହନ୍ତୁ।

ନିମ୍ନରେ କେତୋଟି ପ୍ରଶ୍ନ ଦିଆଗଲା, ଆପଣ ତାହା ପଚାରି ପାରନ୍ତି।

**ଯେତେବେଳେ ତୁମକୁ କେଉଁଆଡ଼େ ନିଆହେଉଛି, ଓ ତୁମେ ତାହା ଜାଣି ନ ଥିଲ, ସେତେବେଳେ କେମିତି ଅନୁଭବ କରୁଥିଲ?**

**ନିଜ ବନ୍ଧୁ ଉପରେ ଭରସା କରିବାଦ୍ୱାରା ଯାତ୍ରା କିଛିଟା ସହଜ ଅନୁଭବ ହେଲା କି?**

**ବାସ୍ତବ ଜୀବନର ଚଲାପଥରେ ପରବର୍ତ୍ତୀ ସମୟରେ କ'ଣ ଘଟିପାରେ, ତାହା କ'ଣ ସବୁବେଳେ ଜାଣିପାରିଥାଅ?**

**ସୃଷ୍ଟିକର୍ତ୍ତା ଇଶ୍ୱରଙ୍କ ଉପରେ ନିର୍ଭରଶୀଳ ହେବା ପାଇଁ ତୁମ୍ଭେମାନେ କ'ଣ କରିପାରିବ?**

# ପାଠ 4

## ମୁଖସ୍ଥ ପଦ ଧନ୍ଦା

***ସୁରକ୍ଷାକର୍ତ୍ତା, ସ୍ରଷ୍ଟା ଈଶ୍ୱରଙ୍କ ଉପରେ ନିର୍ଭରଶୀଳତା ବିଷୟ ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଅନ୍ୟ ନାମ ଯେ *ସଦାପ୍ରଭୁ*, ତାହା ବୁଝାଇ ଦିଅନ୍ତୁ ।

**ଆଦି 6:22** *'ତହିଁରେ ନୋହ ସେହିପରି କଲେ । ନୋହ ପରମେଶ୍ୱରଙ୍କ ଆଜ୍ଞା ପାଳନ କଲେ ।'*

ମୁଖସ୍ଥ ପଦକୁ କହନ୍ତୁ ଏବଂ ଗାୟନ କରନ୍ତୁ, ଆପଣଙ୍କ ଉତ୍ତାରେ (ଶିକ୍ଷକ) ବାରମ୍ବାର କହିବା ପାଇଁ ପିଲାଙ୍କୁ ଶିଖାନ୍ତୁ । ମୁଖସ୍ଥ ହେବା ପର୍ଯ୍ୟନ୍ତ ପୁନରାବୃତ୍ତି କରିବାକୁ କହନ୍ତୁ ।

ତା'ପରେ ସେଥିରେ ଡ୍ରମ୍ ନିୟନ୍ତ୍ରିତ ତାଳ ଓ ଅଭିନୟ ଏଭଳି ସଂଯୁକ୍ତ କରନ୍ତୁ, ଯେପରି ପିଲାମାନେ ମୁଖସ୍ଥ-ପଦଟିକୁ ଗୀତ ଆକାରରେ ଗାଇପାରିବେ ।

ଶିକ୍ଷକ : 'ତହିଁରେ ନୋହ'
ପିଲାମାନେ : 'ତହିଁରେ ନୋହ'

ଶିକ୍ଷକ : 'ସେହିପରି କଲେ ।'
ପିଲାମାନେ : 'ସେହିପରି କଲେ ।'

ଶିକ୍ଷକ : 'ନୋହ ପରମେଶ୍ୱରଙ୍କ ଆଜ୍ଞାପାଳନ କଲେ ।'
ପିଲାମାନେ : 'ନୋହ ପରମେଶ୍ୱରଙ୍କ ଆଜ୍ଞା ପାଳନ କଲେ ।'

ଶିକ୍ଷକ : 'ଆଦି 6:22.'
ପିଲାମାନେ : 'ଆଦି 6:22.'

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉପରେ ନିର୍ଭର ରଖ, କାରଣ ସେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତି


## ବ୍ୟବହାରିକ କାର୍ଯ୍ୟକାରିତା

***ସୁରକ୍ଷାକର୍ତ୍ତା ସ୍ରଷ୍ଟା ଈଶ୍ୱରଙ୍କ ଉପରେ ନିର୍ଭରଶୀଳତାର କାର୍ଯ୍ୟକାରିତା ବିଷୟ ଶିକ୍ଷା ଦେଉଥିବା ଭାବଧାରା ପ୍ରୟୋଗ କରନ୍ତୁ ।***

ସ୍ରଷ୍ଟା ଈଶ୍ୱରଙ୍କୁ ଆମେ ନିଜର ସୁରକ୍ଷାକର୍ତ୍ତା ଭାବରେ ଜାଣିଥିବାରୁ ତା'ଙ୍କ ଉପରେ ଆମେ ନିର୍ଭର କରିପାରିବା । ସୃଷ୍ଟିକର୍ତ୍ତା ଈଶ୍ୱର ପ୍ରତ୍ୟେକ ବିଷୟ ଜାଣନ୍ତି । ସେ ପ୍ରତ୍ୟେକ ବିଷୟ ଦେଖି ଥାଆନ୍ତି । ଠିକ୍ ନୋହଙ୍କ ପରି ଯଦି ଆମ୍ଭେମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆମର ପରିଚାଳନାର ଭାର ଦେଇଦେବା, ତେବେ ଆମ୍ଭେମାନେ ଝଡ଼ ମଧ୍ୟରେ ଗତି କରୁଥିଲେ ସୁଦ୍ଧା, ଆମ୍ଭମାନଙ୍କ ଶାନ୍ତି ଲାଗି ରହିବ ।

**ପ୍ରାର୍ଥନା:** ସ୍ରଷ୍ଟା ଈଶ୍ୱର, ତୁମେ ମନୁଷ୍ୟ ଓ ପଶୁ ପକ୍ଷୀଗଣର ସୁରକ୍ଷା କରୁଥିବାରୁ ମୁଁ ଧନ୍ୟବାଦ ଜ୍ଞାପନ କରେ । ମୁଁ ତୁମ ଉପରେ ଭରସା ରଖିଛି । ମୋ' ସାରା ଜୀବନରେ ତୁମେ ପଥ ପ୍ରଦର୍ଶକ ଭାବରେ ମୋତେ କଢ଼ାଇ ନିଅ । ଆମେନ୍ ।

# ପାଠ 5



## ଶିକ୍ଷାର ଏକ-କୈନ୍ଦ୍ରିକ ଲକ୍ଷ୍ୟ

***ସୃଷ୍ଟିକର୍ତ୍ତା ଈଶ୍ୱର ଯେକୌଣସି ବିଷୟ ସାଧନ କରିପାରନ୍ତି ।***

## ବାଇବଲ କାହାଣୀ

***ସୃଷ୍ଟିକର୍ତ୍ତା ଈଶ୍ୱର ଯେକୌଣସି ବିଷୟ ସାଧନ କରିପାରନ୍ତି, ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ ।***

ସୃଷ୍ଟିକର୍ତ୍ତା ଈଶ୍ୱର ଯେକୌଣସି ବିଷୟ ସାଧନ କରିପାରନ୍ତି ।

**ସୁସମ୍ବାଦ କାହାଣୀ ପୁସ୍ତିକା ଦ୍ୱିତୀୟ ଖଣ୍ଡ ।** ପୃଷ୍ଠା 16-32 । *ଏକ ବିଶେଷ ଉପହାର ।*

**ଅପେକ୍ଷା କରିବା ଖେଳ:** ଏପରି ଏକ ସ୍ଥାନରେ ଠିଆ ହେଉନ୍ତୁ, ଯେଉଁଠି ସବୁପିଲା ଆପଣଙ୍କୁ ଦେଖିପାରିବେ । ଛଳନାତ୍ମକ ଭାବେ, ପିଲାଙ୍କୁ ଜାଣିବାକୁ ଦିଅନ୍ତୁ ଯେ ଆପଣ ନିଜ ହାତ-ଘଡ଼ି ଆଡ଼କୁ ଯତ୍ନରେ ଅନାଉଅଛନ୍ତି (ବା ଯଦି ହାତ ଘଡ଼ି ନାହିଁ, ଦେଖୁଥିବାର ଛଳନା କରନ୍ତୁ) । କିଛି ଘଟିବାକୁ ଯାଉଥିବା ଓ ଆପଣ ତା'ର ଅପେକ୍ଷାରେ ରହିଥିବା ଛଳନା କରନ୍ତୁ । ଆପଣ କ'ଣ ଅପେକ୍ଷା କରିଛନ୍ତି, ସେ ସମ୍ପର୍କରେ ପିଲାଙ୍କ ମଧ୍ୟରୁ ଜଣେ ପଗ୍ଚରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ (ଏଥିପାଇଁ କିଛି ସମୟ ଅତିକ୍ରମ ହୋଇପାରେ) । ତା'ପରେ କହନ୍ତୁ, 'ମୁଁ କ'ଣ ପାଇଁ ଅପେକ୍ଷା କରିଥିଲି,' ଏହା ତୁମ୍ଭେମାନେ ମୋତେ ପଗ୍ଚରି ବୁଝ ବୋଲି ମୁଁ ଅପେକ୍ଷାରେ ଥିଲି ।


ଆଜିର କାହାଣୀରେ ଆମ୍ଭେମାନେ ଜଣେ ବ୍ୟକ୍ତିଙ୍କ ବିଷୟରେ ଶିଖିଲୁ । ତା'ଙ୍କ ନାମ ଅବ୍ରହାମ । ଅନେକ ବର୍ଷ ଧରି ଅବ୍ରହାମ୍ କୌଣସି ବିଷୟର ଅପେକ୍ଷାରେ ରହିଥିଲେ । ଅବ୍ରହାମ୍ କ'ଣ ଅପେକ୍ଷା କରି ରହିଥିଲେ, ତାହା ଜାଣିବା ପାଇଁ ଆସନ୍ତୁ ଆମେ ଯତ୍ନର ସହିତ ଶୁଣିବା ।

ପିଲାଙ୍କୁ କହନ୍ତୁ, ଯେତେଥର ଆପଣ ସେମାନଙ୍କ ଆଡ଼େ ନିର୍ଦ୍ଦେଶ ଦେଉଥିବେ, ସେମାନେ ସମସ୍ତେଏକତ୍ର କହିବେ, 'ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ବିଷୟ ସାଧନ କରିପାରନ୍ତି ।' ସେମାନଙ୍କୁ ଆପଣ *ସୁସମ୍ବାଦ କାହାଣୀ ପୁସ୍ତିକାର ଦ୍ୱିତୀୟ ଖଣ୍ଡରୁ* 'ବିଶେଷ ଉପହାର' ଶୀର୍ଷକ କାହାଣୀଟି ପଢ଼ି ଶୁଣାନ୍ତୁ ।

ଯେତେଥର 'ସୃଷ୍ଟିକର୍ତ୍ତା ଈଶ୍ୱର ସବୁକିଛି ସାଧନ କରିପାରନ୍ତି,' ଶବ୍ଦମାନ କାହାଣୀରେ ଆସେ, ସେତେଥର ପିଲାଙ୍କ ଆଡ଼େ ନିର୍ଦ୍ଦେଶ ଦିଅନ୍ତୁ । ସେତେବେଳେ ପିଲାଏ କହିବେ, 'ସୃଷ୍ଟିକର୍ତ୍ତା ଈଶ୍ୱର ସବୁକିଛି ସାଧନ କରିପାରନ୍ତି ।'


କାହାଣୀର ଶେଷରେ, ପିଲାଙ୍କୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ପଗ୍ଚରନ୍ତୁ ।

# ପାଠ 5









1, 2, 3 କାହାଣୀ ଆରମ୍ଭ କରନ୍ତୁ...

**'ଅବ୍ରହାମ୍ କ'ଣ ଅପେକ୍ଷା କରି ରହିଥିଲେ ?'**
ଗୋଟିଏ ସନ୍ତାନ ।

ନିଜର ସନ୍ତାନମାନଙ୍କ ମାଧ୍ୟମରେ ଈଶ୍ୱର ଅନେକ ଲୋକଙ୍କ ଉଦ୍ଧାରର ପଥ ପ୍ରସ୍ତୁତ କରୁଥିଲେ ।

ବଳି ନିମନ୍ତେ ଏକ ମେଷ ।

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଉଦ୍ଧାରାର୍ଥେ ଜଗତ ମଧ୍ୟକୁ ଓହ୍ଲାଇବାକୁ ପଡ଼ିଲା ।

## ଅଭିନୟ ସଙ୍ଗୀତ

***ସୃଷ୍ଟିକର୍ତ୍ତା ଈଶ୍ୱର ଯେକୌଣସି ବିଷୟ ସାଧନ କରିପାରନ୍ତି, ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ ।***

*ସୃଷ୍ଟିକର୍ତ୍ତା* ଈଶ୍ୱରଙ୍କ ଅନ୍ୟ ନାମ ସଦାପ୍ରଭୁ, ଉକ୍ତିକୁ ବୁଝାଇ ଦିଅନ୍ତୁ ।

ପ୍ରଭୁ ସଦାପ୍ରଭୁ ତୁମେ ବଡ଼ ସାମର୍ଥ୍ୟର ସହ

ଆକାଶ ଓ ପୃଥିବୀ ତିଆରି କଲ (x2)

ତୁମେ ତ ମହାନ ସର୍ବଶକ୍ତିମାନ ପରମେଶ୍ୱର

ତୁମ ପାଇଁ ନୁହେଁ କିଛି କଷ୍ଟକର

# ପାଠ 5

## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ପାଠ

***ସୃଷ୍ଟିକର୍ତ୍ତା ଈଶ୍ୱର ସବୁ କିଛି ସାଧନ କରିପାରନ୍ତି, ବିଷୟକୁ ଶିଖାଉଥିବା ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମ ପ୍ରୟୋଗ କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱର ଯେକୌଣସି ବିଷୟ ସାଧନ କରିପାରନ୍ତି ।

**ତୁମେ କ'ଣ ଦେଖୁଛ?** ଯଦି କୌଣସି ପିଲା ଭୁଲ ଉତ୍ତର ଦିଏ, ଉତ୍ସାହିତ କରି କହନ୍ତୁ, ଚେଷ୍ଟା କରିଛ, ଭଲ, କିନ୍ତୁ ମୁଁ ଖୋଜୁଥିବା ଉତ୍ତର ତାହା ନୁହେଁ । ଯଦି କେହି ସଠିକ୍ ଉତ୍ତର ଦିଏ, କହନ୍ତୁ, ହଁ! ଭଲ କହିଛ!

କେହି ଜଣେ ସଠିକ୍ ଉତ୍ତର ଦେବା ପର୍ଯ୍ୟନ୍ତ ପ୍ରଶ୍ନଟିକୁ ବାରମ୍ବାର ପଚାରନ୍ତୁ ।

ଆକାଶ ଆଡ଼କୁ ଅନାନ୍ତୁ । **ତୁମେ କ'ଣ ଦେଖୁଛ?**
ସମ୍ଭାବିତ ଉତ୍ତରମାନ : ସୂର୍ଯ୍ୟ, ଆକାଶ, ମେଘମାଳା, ପକ୍ଷୀଗଣ ।

**ଆଜି ପ୍ରାତଃ ସମୟରେ ସୂର୍ଯ୍ୟୋଦୟ କିଏ କଲେ?**
ଆଜି ପ୍ରାତଃ ସମୟରେ ସୃଷ୍ଟିକର୍ତ୍ତା ସୂର୍ଯ୍ୟୋଦୟ କଲେ ।

**ପ୍ରତ୍ୟେକ ସନ୍ଧ୍ୟାରେ ସୂର୍ଯ୍ୟାସ୍ତ କିଏ କରନ୍ତି?**
ପ୍ରତ୍ୟେକ ସନ୍ଧ୍ୟାରେ ସୃଷ୍ଟିକର୍ତ୍ତା ଈଶ୍ୱର ସୂର୍ଯ୍ୟାସ୍ତ କରନ୍ତି ।

**ଆକାଶରେ ମେଘମାଳାର ପରିକ୍ରମା କିଏ କରାଇଥାଆନ୍ତି?**
ସୃଷ୍ଟିକର୍ତ୍ତା ଈଶ୍ୱର ମେଘମାଳାର ପରିକ୍ରମା କରାଇଥାଆନ୍ତି ।

**କିଏ ମେଘରୁ ବର୍ଷା କରାଇଥାଆନ୍ତି?**
ସୃଷ୍ଟିକର୍ତ୍ତା ଈଶ୍ୱର ମେଘରୁ ବର୍ଷା ସୃଷ୍ଟି କରାଇଥାଆନ୍ତି ।

**ଆକାଶର ପକ୍ଷୀମାନଙ୍କ ଯତ୍ନ କିଏ ନେଇଥାଆନ୍ତି?**
ସ୍ରଷ୍ଟା ଈଶ୍ୱର ଆକାଶର ପକ୍ଷୀମାନଙ୍କ ଯତ୍ନ ନେଇଥାଆନ୍ତି ।
ସ୍ରଷ୍ଟା ଈଶ୍ୱର ସବୁକିଛି ସାଧନ କରିପାରନ୍ତି ।

## ମୁଖସ୍ଥ ପଦ – ଧନ୍ଦା

***ସୃଷ୍ଟିକର୍ତ୍ତା ଈଶ୍ୱର ସବୁକିଛି କରିପାରନ୍ତି,' ବିଷୟ ଶିକ୍ଷା ଦେଉଥିବା ବାଇବଲ ପଦ ବ୍ୟବହାର କରନ୍ତୁ***

*ସୃଷ୍ଟିକର୍ତ୍ତା* ଈଶ୍ୱରଙ୍କ ଅନ୍ୟ ନାମ ସଦାପ୍ରଭୁ, ଉକ୍ତିକୁ ବୁଝାଇ ଦିଅନ୍ତୁ ।

**ଆଦି 15:6** *'ଅବ୍ରାମ ସଦାପ୍ରଭୁଙ୍କୁ ବିଶ୍ୱାସ କଲେ ଏବଂ ପରମେଶ୍ୱର ତା'ଙ୍କର ବିଶ୍ୱାସକୁ ଧାର୍ମିକତାର କାର୍ଯ୍ୟ ବୋଲି ବିବେଚନା କଲେ ।*

**ଉପକରଣ :** ଲେଖିବା ପାଇଁ କଳାପଟା ଓ ଚକ୍ ଖଡ଼ି, ମାଟି ଓ କାଠି ବା କାଗଜ ଓ ପେନ୍‌ସିଲ୍ ।

ବାଇବଲର ମୁଖସ୍ଥ ପଦକୁ କଳାପଟା ବା ମାଟିରେ ବା କାଗଜରେ ଲେଖନ୍ତୁ ।

ମୁଖସ୍ଥ ପଦର ପ୍ରତ୍ୟେକ ଶବ୍ଦକୁ ନିର୍ଦ୍ଦେଶ କରି କହନ୍ତୁ । ଯଦି ପିଲାମାନଙ୍କୁ ଏ ପର୍ଯ୍ୟନ୍ତ କେମିତି ପଢ଼ିବାକୁ ହେବ ଶିଖାଯାଇନାହିଁ, ତେବେ ମୁଖସ୍ଥ ପଦ ଲେଖିବାର ଆବଶ୍ୟକତା ନାହିଁ । ଆପଣଙ୍କୁ ଅନୁସରଣ କରି ପରେ ପରେ ଶବ୍ଦସବୁ ସେମାନଙ୍କୁ ବାରମ୍ବାର କହିବାକୁ ପଡ଼ିବ ।

# ପାଠ 5

ଅବ୍ରହାମ୍ ସଦାପ୍ରଭୁଙ୍କୁ ବିଶ୍ୱାସ କଲେ (x3)

ଓ ଏହି ବିଶ୍ୱାସ ସକାଶେ (x3)

ସଦାପ୍ରଭୁ ତା'ଙ୍କୁ ଗ୍ରହଣ କଲେ (x3)

ଯାହା ଠିକ୍ ତାହା ହିଁ କରିଥିବାରୁ (x3)

ବର୍ତ୍ତମାନ ସବୁପିଲା ଠିଆ ହେବେ । ଆପଣଙ୍କ ଅନୁସରଣ କରିବାକୁ ପିଲାଙ୍କୁ କହନ୍ତୁ ।

ନିଜ ପେଟ ଉପରେ ହାତ ବୁଲାଇ ଆପଣ ମୁଖସ୍ଥ ପଦ କହନ୍ତୁ । ବର୍ତ୍ତମାନ ପିଲାମାନେ ମଧ୍ୟ ନିଜ ପେଟ ଉପରେ ହାତ ବୁଲାଇ ମୁଖସ୍ଥ ପଦ କୁହନ୍ତୁ ।

ଚକା ଭଉଁରୀ ଖେଳ ପରି ଥରେ ଘୁରି ଆପଣ ମୁଖସ୍ଥ ପଦ କହନ୍ତୁ, ବର୍ତ୍ତମାନ ପିଲାମାନେ ମଧ୍ୟ ସେଭଳି ଘୁରି ମୁଖସ୍ଥ ପଦ କହନ୍ତୁ ।

ଆପଣ ଗୋଟିଏ ସ୍ଥାନରେ ଉପରୁ ତଳକୁ ଡ଼େଉଁଥିବା ଅବସ୍ଥାରେ ମୁଖସ୍ଥ ପଦ କହନ୍ତୁ । ବର୍ତ୍ତମାନ ପିଲାଏ ମଧ୍ୟ ସେହିଭଳି ଉପରୁ ତଳକୁ ଡ଼େଉଁଥିବା ଅବସ୍ଥାରେ ମୁଖସ୍ଥ ପଦ କହନ୍ତୁ ।

ବର୍ତ୍ତମାନ ମୁଖସ୍ଥ ପଦକୁ ଲିଭାଇ ଦେଇ ଶେଷଥର ପାଇଁ ମୁଖସ୍ଥ ପଦ ପିଲାଙ୍କୁ ପଗ୍ଚରନ୍ତୁ ।

## ବ୍ୟବହାରିକ କାର୍ଯ୍ୟକାରିତା

***ସୃଷ୍ଟିକର୍ତ୍ତା ଈଶ୍ୱର ସବୁ କିଛି କରିବାକୁ ସକ୍ଷମ, ଭାବଧାରାର କାର୍ଯ୍ୟକାରିତା ଶିକ୍ଷା ଦେଉଥିବା ବିଷୟପ୍ରୟୋଗ କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱର ଯେକୌଣସି ବିଷୟ ସାଧନ କରିପାରନ୍ତି ।

ଯେହେତୁ ସୃଷ୍ଟିକର୍ତ୍ତା ଈଶ୍ୱର ପ୍ରତ୍ୟେକ ବିଷୟର ସ୍ରଷ୍ଟା, ସେଥିପାଇଁ ସେ ଯେକୌଣସି ବିଷୟ ସାଧନ କରିପାରନ୍ତି । ସେ ଆମ୍ଭମାନଙ୍କୁ ଅତିଶୟ ପ୍ରେମ କରନ୍ତି । ସୃଷ୍ଟିକର୍ତ୍ତା ଈଶ୍ୱର ଅନନ୍ତକାଳ ପାଇଁ ଆମର ସୁରକ୍ଷା କରିପାରିବେ ।

**ପ୍ରାର୍ଥନା:** ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ମୋତେ ପ୍ରେମ କରୁଥିବାରୁ ତୁମ ନିକଟରେ ଧନ୍ୟବାଦୀ । ତୁମେ ପ୍ରତ୍ୟେକ ବିଷୟର ସୃଷ୍ଟିକର୍ତ୍ତା ହୋଇଥିବାରୁ, ଯେକୌଣସି ବିଷୟ ସାଧନ କରିପାର । ମୁଁ ତୁମ ଉପରେ ବିଶ୍ୱାସ କରେ । ମୁଁ ତୁମ ଉପରେ ଭରସା କରେ । ଆମେନ୍ ।

**ପୁରସ୍କାର:** ପ୍ରତ୍ୟେକ ପିଲାକୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ *ସୁସମ୍ବାଦ କାହାଣୀ ପୁସ୍ତିକାର ଦ୍ୱିତୀୟ ଖଣ୍ଡ* ପୁସ୍ତିକା ଦିଅନ୍ତୁ । ସେମାନଙ୍କୁ *ସୁସମ୍ବାଦ କାହାଣୀ ପୁସ୍ତିକାର ଦ୍ୱିତୀୟ ଖଣ୍ଡ* ପଢ଼ିବାରେ ସାହାଯ୍ୟ କରନ୍ତୁ ।